# <u>ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ</u>

## (ଭୂ-ଅର୍ଜନ ଉପବିଭାଗ)

ସଂଖ୍ୟା-...୩୨୩......, ତା...୨୦/୦୪/୨୦୨୨..........

## <u>ସର୍ବସାଧାରଣ ବିଜ୍ଞପ୍ତି</u>

ପୁରୀ ଜିଲ୍ଲାପାଳଙ୍କ ଆଦେଶକ୍ରମେ ଏତଦଦ୍ୱାରା ମୌଜା-ବାଲୁଖଣ୍ଡ ୧୫୧ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ "ପୁରୀ ଠାରେ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣ ନିମନ୍ତେ। (**"Construction of Shree Jagannath Medical College and Hospital " in Mouza Balukhanda-151**) ଜମି ଅଧିଗ୍ରହଣ କରାଯାଉଅଛି । ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଓଡିଶା ସାମାଜିକ ପ୍ରଭାବ ଆକଳନ ୟୁନିଟ (**Odisha State SIA unit, Nabakrushna Choudhury Centre for Development Studies , Bhubaneswar**) ଏକ ଚିଠା ସାମାଜିକ ପ୍ରଭାବ ବିବରଣୀ (**Draft SIA Report**) ପ୍ରସ୍ତୁତ କରିଅଛନ୍ତି । ଉକ୍ତ ଜମି ଅଧିଗ୍ରହଣ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀମାନଙ୍କର ମତାମତ ନେବାପାଇଁ **RFCTLAR&R Act 2013** ର ଧାରା (୫) ତଥା **RFCTLAR&R, Odisha Rules, 2016** ନିୟମ ୧୪ ଅନୁପାଳନ କ୍ରମେ ନିମ୍ନସୂଚୀ ଅନୁଯାୟୀ ଉପ-ଜିଲ୍ଲାପାଳ, ପୁରୀଙ୍କ ସଭାପତିତ୍ୱରେ ଏକ ଜନଶୁଣାଣି ଆୟୋଜନ ସ୍ଥିରୀକୃତ ହୋଇଅଛି । ସରକାରଙ୍କ **COVID-19** ଦିଶା ନିର୍ଦ୍ଦେଶାବଳୀକୁ ଅନୁପାଳନ ପୂର୍ବକ ଏହି ଜନଶୁଣାଣି କରାଯିବ । ପ୍ରକଳ୍ପ ଯୋଗୁ ଜମି ହରାଉଥିବା ତଥା ପ୍ରଭାବିତ ବ୍ୟକ୍ତିମାନେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଏବଂ ତତଜନିତ ସାମାଜିକ ପ୍ରଭାବ ବିବରଣୀ ଉପରେ ନିଜର ମତାମତ ଉପସ୍ଥାପନ କରିବାପାଇଁ ଅନୁରୋଧ କରାଯାଇଅଛି । ଉକ୍ତ ଜମି ଅଧିଗ୍ରହଣର ଚିଠା ସାମାଜିକ ପ୍ରଭାବ ବିବରଣୀ, ଭୂମି ଅନୁସୂଚି ଏବଂ ନକ୍ସା, ଭୂ-ଅର୍ଜନ ଅଧିକାରୀ, କାର୍ଯ୍ୟାଳୟ,ପୁରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ପୁରୀ, ନିର୍ବାହୀ ଅଧିକାରୀ ପୂର୍ତ୍ତ ବିଭାଗ, ପୁରୀଙ୍କ କାର୍ଯ୍ୟାଳୟ, ପୁରୀ, ତହସିଲଦାର ପୁରୀ, ଓ ପୁରୀ ପୌରପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ସମ୍ପୃକ୍ତ ପ୍ରଭାବିତ ବ୍ୟକ୍ତିମାନଙ୍କ ଅବଗତି ନିମନ୍ତେ ଉପଲବ୍ଧ । ଏଣୁ ଆପଣମାନଙ୍କୁ ଅନୁରୋଧ ନିମ୍ନବର୍ଣ୍ଣିତ ଦିନ ଓ ସ୍ଥାନରେ ଉପସ୍ଥିତ ରହି ଆପଣମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବା ହେବେ ।

| ପ୍ରଭାବିତ ମୌଜା | କି ପ୍ରକାର ସଭା | ଦିନାଙ୍କ | ସମୟ | ସ୍ଥାନ |
|---|---|---|---|---|
| ବାଲୁଖଣ୍ଡ - ୧୫୧ | ଜମିଅଧିଗ୍ରହଣ ନିମନ୍ତେ ଜନଶୁଣାଣି | ୦୬.୦୫.୨୦୨୨ (ଶୁକ୍ରବାର) | ଅପରାହ୍ନ ୪.୦୦ ଘଟିକା | ଗ୍ରାମସଭା ମଣ୍ଡପ ବାଲିଗୁଆଳି |

ଜିଲ୍ଲାପାଳଙ୍କ ଆଦେଶକ୍ରମେ,

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୨୪(୭)..ତା...୨୦/୦୪/୨୦୨୨..........

ଏହାର ଏକକିତା ନକଲ **Addl. District Magistrate (R&R), Puri/ Sub-Collector, Puri** ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକ ରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା ।

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୨୪.........ତା...୨୦/୦୪/୨୦୨୨.........
ଏହାର ଏକକିତା ଅଧିକ୍ଷଣ ଯନ୍ତ୍ରୀ , ପୁରୀ (ରାସ୍ତା ଏବଂ ଗୃହ ନିର୍ମାଣ) , ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକ ରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା ।

୨୦.୪.୨୨

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୨୫.........ତା...୨୦/୦୪/୨୦୨୨.........
ଏହାର ଏକକିତା ନକଲ ତହସିଲଦାର, ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକ ରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା।

୨୦.୪.୨୨

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୨୬.........ତା...୨୦/୦୪/୨୦୨୨.........
ଏହାର ଏକକିତା ନକଲ ଜିଲ୍ଲା ମଙ୍ଗଳ ଅଧିକାରୀ, ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକ ରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା।

୨୦.୪.୨୨

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୨୭.........ତା...୨୦/୦୪/୨୦୨୨.........
ଏହାର ଏକକିତା ନକଲ ଜିଲ୍ଲା ବନଖଣ୍ଡ ଅଧିକାରୀ, ପୁରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକ ରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା।

୨୦.୪.୨୨

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୨୮.........ତା...୨୦/୦୪/୨୦୨୨.........
ଏହାର ଏକକିତା ନକଲ ବାଲୁଖଣ୍ଡ ୧୫୧ ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଜମି ହରାଉଥିବା ଏବଂ ପ୍ରଭାବିତ ହେଉଥିବା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଗଲା।

୨୦.୪.୨୨

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୩୦(କ).ତା...୨୦/୦୪/୨୦୨୨.........
ଏହାର ଏକକିତା ନକଲ ବାଲିଗୁଆଳି ପଞ୍ଚାୟତର ସରପଞ୍ଚ/ସମିତି ସଭ୍ୟ/ ସମ୍ପୃକ୍ତ ୱାର୍ଡ ସଭ୍ୟଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଉକ୍ତ ବୈଠକ ରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା । ସରପଞ୍ଚ ଉକ୍ତ ବିଜ୍ଞପ୍ତିକୁ ବାଲୁଖଣ୍ଡ ୧୫୧ ମୌଜାର ଜନସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ ପାଇଁ ଜଣାଇଦିଆଗଲା ।

୨୦.୪.୨୨

ଭୂ-ଅର୍ଜନ ଅଧିକାରୀ, ପୁରୀ

ପରିପତ୍ର ସଂଖ୍ୟା...୩୩୧.........ତା...୨୦/୦୪/୨୦୨୨.........
ଏହାର ଏକକିତା ନକଲ ଜିଲ୍ଲା ସୂଚନାବିଜ୍ଞାନ ଅଧିକାରୀ,NIC, ପୁରୀଙ୍କ ଅବଗତି ଏବଂ ଏହି ନୋଟିସ କୁ ଜିଲ୍ଲା ୱେବସାଇଟ ରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

୨୦.୪.୨୨

ଭୂ-ଅର୍ଜନ ଅଧିକାରୀ, ପୁରୀ